**ରିପୋର୍ଟ ଯୋଗ୍ୟ**

ଭାରତର ସର୍ବୋଚ୍ଚ ନ୍ୟାୟାଳୟ...

ଦେୱାନୀ ଅପିଲ କ୍ଷେତ୍ରାଧିକାର

୨୦୨୨ ର ସିଭିଲ ଆବେଦନ ସଂଖ୍ୟା ୪୧୦୩

(ଏସ.ଏଲ.ପି. (ଦେୱାନୀ) ନଂ ୯୩୬/୨୦୨୨ରୁ ଉତ୍ପନ୍ନ )

ମଳୟ ନନ୍ଦ ସେଠୀ............ ଆବେଦନକାରୀ

ବନାମ

ଓଡ଼ିଶା ରାଜ୍ୟ ଓ ଅନ୍ୟାନ୍ୟ................. ଉତ୍ତରଦାତା

**ରାୟ**

ଏମ. ଆର.ଶାହ , ବିଚାରପତି

୧. ଓଡ଼ିଶା ଉଚ୍ଚ ନ୍ୟାୟାଳୟ ,କଟକର ରିଟ୍ ଆବେଦନ (ଦେୱାନୀ) ନଂ. ୨୮୦୨୩ / ୨୦୨୧ ରେ ତା୨୬.୧୦.୨୦୨୧ରିଖରେ ଅନୁକମ୍ପା ଆଧାରରେ ଆବେଦନକାରୀଙ୍କୁ ନିଯୁକ୍ତି ଦେବା ଲାଗି ରାଜ୍ୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ମନା କରିଦେଇଥିଲେ ଓ ଆବେଦନକାରୀଙ୍କ ଦ୍ୱାରା ଆଗତ ଉକ୍ତ ରିଟ୍ ଆବେଦନକୁ ବରଖାସ୍ତ କରି ଦେଇଥିବା ରାୟ ଏବଂ ଆଦେଶ ଦ୍ୱାରା ବ୍ୟଥିତ ଏବଂ ଅସନ୍ତୁଷ୍ଟ ଅନୁଭବ କରି ମୂଳ ରିଟ୍ ଆବେଦନକାରୀ ବର୍ତ୍ତମାନର ଅପିଲ କରିଛନ୍ତି।

୨. ବର୍ତ୍ତମାନର ଅପିଲକୁ ଆଗେଇନେବା ପାଇଁ ସମ୍ପୃକ୍ତ ତଥ୍ୟ ସଂକ୍ଷେପରେ ନିମ୍ନରେ ଦିଆଗଲା :

ଏଥିର ଆବେଦନକାରୀଙ୍କ ବାପା - ମୂଳ ରିଟ୍ ଆବେଦନକାରୀ ଅବକାରୀ ବିଭାଗରେ ସହାୟକ ଉପ ନିରୀକ୍ଷକ ଭାବେ କାର୍ଯ୍ୟ କରୁଥିଲେ । ସେବାରେ ଥିବା ବେଳେ ୦୨.୦୧.୨୦୧୦ ରେ ତାଙ୍କର ଦେହାନ୍ତ ହୋଇଥିଲା । ଆବେଦନକାରୀ ତାଙ୍କ ବାପାଙ୍କ ମୃତ୍ୟୁ ହେବା ପରେ ଓଡିଶା ସିଭିଲ ସର୍ଭିସ (ରିହାବିଲିଟେସନ ଆସିସ୍ଟାନ୍ସ) ନିୟମାବଳୀ , ୧୯୯୦ (ଏହା ପରେ "୧୯୯୦ ନିୟମାବଳୀ" ଭାବେ ଉଲ୍ଲେଖିତ) ଅଧୀନରେ ଅନୁକମ୍ପା ଆଧାରରେ କନିଷ୍ଠ କିରାଣୀ ଭାବେ ନିଯୁକ୍ତି ପାଇଁ ୨୦୧୦ ଜୁଲାଇ ମାସରେ ଆବେଦନ କରିଥିଲେ । ଆବେଦନକାରୀଙ୍କ ତରଫରୁ କୁହାଯାଇଥିଲା ଯେ ତାଙ୍କ ମାଆ ନିଜର ସ୍ୱାସ୍ଥ୍ୟଗତ ସ୍ଥିତି କାରଣରୁ ସରକାରୀ ଚାକିରି କରିପାରିନଥିଲେ । ଏହି ଆବେଦନକୁ ଓଡ଼ିଶାର କଟକସ୍ଥିତ ଅବକାରୀ ଆୟୋଗୀଙ୍କ କାର୍ଯ୍ୟାଳୟକୁ ୦୩.୦୮.୨୦୧୧ ତାରିଖରେ ପଠାଯାଇଥିଲା । ଏହାପରେ ଉକ୍ତ ଆବେଦନକୁ ତା

୨୧.୦୯.୨୦୧୧ରିଖରେ ଅବକାରୀ ବିଭାଗର ଅତିରିକ୍ତ ସଚିବଙ୍କ ନିକଟକୁ ପଠାଯାଇଥିଲା । ପାଞ୍ଚ ବର୍ଷ ଧରି ଏହି ଆବେଦନକୁ ଅବକାରୀ ବିଭାଗ ଧ୍ୟାନ ଦେଲାନାହିଁ । ପାଞ୍ଚ ବର୍ଷର ଅବଧି ପରେ ଅତିରିକ୍ତ ସଚିବ ୯ ସେପ୍ଟେମ୍ବର, ୨୦୧୬ରେ ଏକ ପତ୍ର ଲେଖି ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଆର୍ଥିକ ସ୍ଥିତି ସମ୍ପର୍କରେ ଏକ ସଦ୍ୟ ରିପୋର୍ଟ ଦାଖଲ କରିବାକୁ ଗଞ୍ଜାମ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ , ଆବେଦନକାରୀଙ୍କ ମାଆ ସରକାରୀ ଚାକିରୀ ଜାରି ରଖିବାରେ ଅକ୍ଷମ ଅଛନ୍ତି କି ନାହିଁ ବିଷୟଟିକୁ ମେଡିକାଲ ବୋର୍ଡ ସମ୍ମୁଖରେ ଉପସ୍ଥାପନ କରି ଏହାର ସଠିକ୍ ପରୀକ୍ଷା କରି ଏକ ରିପୋର୍ଟ ଦେବାଲାଗି ଗଞ୍ଜାମ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଙ୍କୁ କୁହାଯାଇଥିଲା । ଗଞ୍ଜାମ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଏକ ମେଡ଼ିକାଲ ବୋର୍ଡ ଗଠନ କରିଥିଲେ ଏବଂ ଆବେଦନକାରୀଙ୍କ ମାଆଙ୍କୁ ପରୀକ୍ଷା କରିଥିଲେ ଏବଂ ତା ୦୧.୧୧.୨୦୧୬ ରିଖରେ ସେ ସରକାରୀ ଚାକିରି ପାଇଁ ଅନୁପଯୁକ୍ତ ଦର୍ଶାଇ ଅତିରିକ୍ତ ସଚିବଙ୍କୁ ଏକ ରିପୋର୍ଟ ପ୍ରଦାନ କରିଥିଲେ । ଗଞ୍ଜାମର ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ତା୦୬.୦୨.୨୦୧୭ ରିଖରେ ଏକ ଅନୁରୂପ ରିପୋର୍ଟ ପ୍ରଦାନ କରିଥିଲେ । ଏହାପରେ ଆବେଦନକାରୀଙ୍କ ଜନ୍ମ ସ୍ଥାନ ବେଲଗୁଣ୍ଠାର ତହସିଲଦାରଙ୍କଠାରୁ ପରିବାରର ଆର୍ଥିକ ସ୍ଥିତି ଉପରେ ରିପୋର୍ଟ ମଗାଯାଇଥିଲା,ତହସିଲଦାର ୨୮.୧୦.୨୦୧୭ ତାରିଖରେ ଏକ ପତ୍ର ଜରିଆରେ ଏହାର ରିପୋର୍ଟ ପ୍ରଦାନ କରି ଦର୍ଶାଇଥିଲେ ଯେ ପରିବାରର ଆୟ ବିଭିନ୍ନ ଉତ୍ସରୁ ବାର୍ଷିକ ୭୨,୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ନୁହେଁ ।

୨.୧ଉପରୋକ୍ତ ପ୍ରକ୍ରିୟା ସତ୍ତ୍ୱେ, ଅନୁକମ୍ପା ଆଧାରରେ ନିଯୁକ୍ତି ପାଇଁ ଆବେଦନକାରୀଙ୍କ ଆବେଦନ ବିଚାରାଧୀନ ରହିଥିଲା। ତେବେ,୧୯୯୦ ନିୟମ ଅନ୍ତର୍ଗତ ଅନୁକମ୍ପା ଆଧାରରେ ଆବେଦନକାରୀଙ୍କୁ ନିଯୁକ୍ତି ଦେବା ଲାଗି ପରବର୍ତ୍ତୀ କୌଣସି ନିର୍ଦ୍ଦେଶ ଜାରି କରାଯିବା ପୂର୍ବରୁ ୧୯୯୦ ନିୟମ ବଦଳରେ ନୂତନ ନିୟମ ଯଥା ଓଡିଶା ସିଭିଲ ସର୍ଭିସ (ରିହାବିଲିଟେସନ୍ ଆସିଷ୍ଟାନ୍ସ) ନିୟମ, ୨୦୨୦ (ଯାହାକୁ ଏଥିରେ ପରବର୍ତ୍ତୀ ସମୟରେ "୨୦୨୦" ନିୟମ କୁହାଯାଇଛି) ତା ୧୭.୦୨.୨୦୨୦ ବିଜ୍ଞାପନ ଦ୍ୱାରା ପ୍ରଣୟନ କରାଯାଇଥିଲା ।୨୦୨୦ ନିୟମ ଅନୁଯାୟୀ, ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଅନୁକମ୍ପା ଆଧାରରେ ଗ୍ରୁପ-ଡି ଆଧାର ସ୍ତର ରେ ନିଯୁକ୍ତି ଦିଆଯିବ । ତେଣୁ ଆବେଦନକାରୀଙ୍କ ଆବେଦନକୁ ୨୦୨୦ ନିୟମ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅବକାରୀ ଆୟୋଗୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟକୁ ତା ୨୬.୦୪.୨୦୨୧ ରିଖ ପତ୍ର ମାଧ୍ୟମରେ ପଠାଯାଇଥିଲା।

୨.୨ ଆବେଦନକାରୀଙ୍କ ମାମଲାକୁ ୨୦୨୦ ନିୟମ ଅନ୍ତର୍ଗତ ବିଚାର କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିବା ୨୬.୦୪.୨୦୨୧ ତାରିଖର ଚିଠିରେ ବ୍ୟଥିତ ଏବଂ ଅସନ୍ତୁଷ୍ଟ ହୋଇ ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ରିଟ୍ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟରେ ଏହି ନିର୍ଦ୍ଦିଷ୍ଟ ମାମଲାର ଆବେଦନକାରୀ -- ଯିଏ କି ମୂଳ ରିଟ ଆବେଦନକାରୀ,ଙ୍କ ତରଫରୁ କୁହାଯାଇଥିଲା ଯେ ଅନୁକମ୍ପା ଆଧାରରେ ନିଯୁକ୍ତି ବିଚାର ପାଇଁ ଆବେଦନ କରାଯିବା ସମୟରେ ପ୍ରଚଳିତ ଥିବା

ନୀତି  ଲାଗୁ ହେବ ଏବଂ ଆବେଦନ ଉପରେ ବିଚାର  ସମୟରେ ପ୍ରଚଳିତ ଥିବା ନୀତି ନୁହେଁ । ଏହି ନ୍ୟାୟାଳୟର ଅନେକ ନିଷ୍ପତ୍ତି ଉପରେ ନିର୍ଭର କରାଯାଇଥିଲା । ତେବେ ଏନ.ସି.ସନ୍ତୋଷ ବନାମ କର୍ଣ୍ଣାଟକ ରାଜ୍ୟ (୨୦୨୦) ୭ ଏସ.ସି. ସି . ୬୧୭ ମାମଲାରେ ଦିଆଯାଇଥିବା ଏହି ନ୍ୟାୟାଳୟର ନିଷ୍ପତ୍ତିକୁ ଆଧାର କରି ଏବଂ/କିମ୍ବା ବିଚାର କରି ଉଚ୍ଚ ନ୍ୟାୟାଳୟ ତାଙ୍କର ରାୟ ଓ ଆଦେଶରେ ମଗା ଯାଇଥିବା ଦାବୀକୁ ବର୍ତ୍ତମାନର ପରିବର୍ତ୍ତିତ ନୀତି ଅନୁସାରେ ବିଚାର କରାଯିବ , ସରକାରୀ କର୍ମଚାରୀଙ୍କ ମୃତ୍ୟୁ ସମୟର ନୀତି ଅନୁସାରେ ନୁହେଁ  କହି ଉକ୍ତ ରିଟ ଆବେଦନକୁ ଖାରଜ କରିଦେଇଛନ୍ତି।

୨.୩ ଆବେଦନକାରୀଙ୍କ ମାମଲା ୨୦୨୦ ନିୟମ (ପରବର୍ତ୍ତୀ ଯୋଜନା) ଦ୍ୱାରା ପରିଚାଳିତ ହେବ ବୋଲି ମାନ୍ୟତା ଦେଇ ହାଇକୋର୍ଟଙ୍କ ଦ୍ୱାରା ପାରିତ ଆକ୍ଷେପିତ ରାୟ ଏବଂ ଆଦେଶ ଦେଇ ରିଟ୍ ପିଟିସନକୁ ଖାରଜ କରିବା ଦ୍ୱାରା ବ୍ୟଥିତ ଏବଂ ଅସନ୍ତୁଷ୍ଟ ଅନୁଭବ କରି, ମୂଳ ରିଟ୍ ଆବେଦନକାରୀ ବର୍ତ୍ତମାନର ଅପିଲ ଦାଖଲ କରିଛନ୍ତି।

୩. ସମ୍ପୃକ୍ତ ପକ୍ଷଙ୍କ ତରଫରୁ ହାଜର ହୋଇଥିବା ଶ୍ରୀମାନ ଓକିଲ ଏହି  ଯୋଜନା ଏବଂ/ କିମ୍ବା ପ୍ରାସଙ୍ଗିକ ନିୟମର ପ୍ରଯୁଜ୍ୟତା ଉପରେ ଦେଇଥିବା ଏହି ନ୍ୟାୟାଳୟର  ବହୁତଗୁଡିଏ ପରସ୍ପରର ବିରୋଧାତ୍ମକ ନିଷ୍ପତ୍ତି  ଉପରେ ନିର୍ଭର କରିଛନ୍ତି ଯେପରିକି ମୃତ କର୍ମଚାରୀଙ୍କ ମୃତ୍ୟୁ ସମୟରେ ପ୍ରଚଳିତ ଥିବା  ନୀତି ନା  ଆବେଦନର ବିଚାର ସମୟରେ ପ୍ରଚଳିତ ଥିବା ନୀତି  ଗ୍ରହଣ କରାଯିବ ।

୩ .୧  ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ଶ୍ରୀମାନ ଓକିଲ , କର୍ମାଧିନ ଥିବାବେଳେ  କର୍ମଚାରୀଙ୍କ ମୃତ୍ୟୁ ସମୟରେ ଏବଂ/କିମ୍ବା ଆବେଦନପତ୍ର ଦାଖଲ କରିବା ସମୟରେ ପ୍ରଚଳିତ ଥିବା ପ୍ରାସଙ୍ଗିକ ଯୋଜନା ଏବଂ/ଅଥବା ନିୟମକୁ ବିବେଚନାରେ ନେବା  ଆବଶ୍ୟକ ଏବଂ ଆବେଦନକୁ ବିଚାର କରିବା ସମୟରେ ପ୍ରଚଳିତ ସଂଶୋଧିତ ନିୟମକୁ  ନୁହେଁ, ନିଜର ଏହି  ଉପସ୍ଥାପନା କୁ ସମର୍ଥନ କରିବା ପାଇଁ  ଇଣ୍ଡିଆନ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବନାମ ପ୍ରମିଳା ଏବଂ ଅନ୍ୟଜଣେ (୨୦୨୦) ୨ ଏସ୍. ସି . ସି . ୭୨୯ ମାମଲାରେ; ମଧ୍ୟପ୍ରଦେଶ ରାଜ୍ୟ ବନାମ ଅମିତ ଶ୍ରୀବାସ (୨ ୦୨୦ ) ୧୦ ଏସ.ସି.ସି. ୪୯୬ ମାମଲାରେ ;ମଧ୍ୟପ୍ରଦେଶ ରାଜ୍ୟ ବନାମ ଆଶିଷ ଅବସ୍ଥି (ଦେୱାନୀ ଆବେଦନ ସଂଖ୍ୟା ୬୯୦୩/୨୦୨୧, ୧୮ ନଭେମ୍ବର ୨୦୨୧ ରେ ନିର୍ଦ୍ଧାରିତ) ଇତ୍ୟାଦି ମାମଲାରେ ନିଆଯାଇଥିବା ନିଷ୍ପତ୍ତି ; ମୁଖ୍ୟ ମହାପରିଚାଳକ, ଟେଲିକମ୍ୟୁନିକେସନ, ବି.ଏସ୍.ଏନ୍.ଏଲ୍. ବନାମ ବିଦ୍ୟା ପ୍ରସାଦ (ଦେୱାନୀ ଆବେଦନ ସଂଖ୍ୟା ୬୦୧୯/୨୦୨୧ , ଯାହାକି ୨୮ .୦୯ .୨୦୨୧  ରେ ନିର୍ଦ୍ଧାରିତ) ମାମଲାରେ ଏହି ନ୍ୟାୟାଳୟର ଅନ୍ୟ ଏକ ନିଷ୍ପତ୍ତି ଏବଂ ସରକାରୀ ଶିକ୍ଷା ବିଭାଗ ସଚିବ (ପ୍ରାଥମିକ) ଏବଂ ଅନ୍ୟମାନେ ବନାମ ଭୀମେଶ ଓରଫ ଭୀମାପ୍ପା

,୨୦୨୧ଏସ୍.ସି.ସି. ଅନ୍ ଲାଇନ୍ ଏସ୍.ସି. ୧୨୬୪ ମାମଲାରେ ଏହି ନ୍ୟାୟାଳୟର ଅଧୁନାତନ ନିଷ୍ପତ୍ତି ଉପରେ ବ୍ୟାପକ ଭାବେ ନିର୍ଭର କରିଛନ୍ତି ।

୪. ଅନ୍ୟପକ୍ଷରେ, ଉତ୍ତରଦାତା-ରାଜ୍ୟ ଙ୍କ ତରଫରୁ ଉପସ୍ଥିତ ଥିବା ଶ୍ରୀମାନ ଓକିଲ ଏନ.ସି. ସନ୍ତୋଷ (ପୂର୍ବୋକ୍ତ) ଙ୍କ ମାମଲାରେ ଏହି ନ୍ୟାୟାଳୟର ତିନି ଜଣିଆ ଖଣ୍ଡପୀଠ ନିଷ୍ପତ୍ତିକୁ ଦୃଢ଼ ଭାବେ ନିର୍ଭର କରିଛନ୍ତି। ଏନ.ସି. ସନ୍ତୋଷ (ପୂର୍ବୋକ୍ତ) ଙ୍କ ମାମଲାରେ, ଏହି ନ୍ୟାୟାଳୟର ତିନି ଜଣିଆ ଖଣ୍ଡପୀଠ, ସମ୍ପୂର୍ଣ୍ଣ ମାମଲା ନିର୍ଣ୍ଣୟ ବିଧି ଉପରେ ବିଚାର କରିବା ପରେ, ଏହି ଦାବୀକୁ ସଂଶୋଧିତ ନିୟମ ଅନୁଯାୟୀ ବିଚାର କରାଯିବା ଉଚିତ୍, ସରକାରୀ କର୍ମଚାରୀଙ୍କ ମୃତ୍ୟୁ ସମୟରେ ଲାଗୁ ହେଉଥିବା ନିୟମ ଅନୁଯାୟୀ ନୁହେଁ ବୋଲି କହିଥିଲେ।

୪.୧ ଉତ୍ତରଦାତାଙ୍କ ତରଫରୁ ହାଜର ହୋଇଥିବା ଶ୍ରୀମାନ୍ ଓକିଲ ଆହୁରି ଦର୍ଶାଇଛନ୍ତି ଯେ ସଂଶୋଧିତ ନିୟମ ୨୦୨୦ ରେ ମଧ୍ୟ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା କରାଯାଇଛି ଯେ ସଂଶୋଧିତ ୨୦୨୦ ନିୟମ ସମସ୍ତ ବକେୟା ଆବେଦନ ଉପରେ ଲାଗୁ କରାଯିବ ।ଏହି ଦୃଷ୍ଟିରୁ ଆବେଦନକାରୀଙ୍କ ଅନୁକମ୍ପା ଆଧାରରେ ନିଯୁକ୍ତି ପାଇଁ ଦାବି ୧୯୯୦ ର ନିୟମ ଅନୁସାରେ ନୁହେଁ ବରଂ ସଂଶୋଧିତ ୨୦୨୦ ନିୟମ ଅନୁଯାୟୀ ବିବେଚନା କରାଯିବା ଆବଶ୍ୟକ।

୪.୨ ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ଶ୍ରୀମାନ ଓକିଲ ଦର୍ଶାଇଛନ୍ତି ଯେ ଭୀମେଶ @ ଭୀମାପ୍ପା (ପୂର୍ବୋକ୍ତ) ମାମଲାରେ, ନିକଟରେ ନିଆଯାଇଥିବା ଏକ ନିଷ୍ପତ୍ତିଦ୍ୱାରା ,ଏହି ନ୍ୟାୟାଳୟକୁ ଏନ.ସି. ସନ୍ତୋଷ (ପୂର୍ବୋକ୍ତ) ମାମଲାରେ ନିଷ୍ପତ୍ତି ଉପରେ ବିଚାର କରିବାର ଅବସର ମିଳିଛି।

୫ . ଆମ୍ଭେ ସମ୍ପୃକ୍ତ ପକ୍ଷମାନଙ୍କର ଶ୍ରୀମାନ ଓକିଲ ମାନଙ୍କୁ ବିସ୍ତୃତ ଭାବେ ଶୁଣିଛୁ ।

ଆମ୍ଭେ ଲକ୍ଷ୍ୟ କରିଅଛୁ ଯେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ତାରିଖ ଦିନ ବଳବତ୍ତର ଥିବା ଯୋଜନା / ନିୟମ ଲାଗୁ ହେବ କି ଅନୁକମ୍ପା ଆଧାରରେ ଆବେଦନ ଉପରେ ବିଚାର କରାଯିବା ତାରିଖ ଦିନ ବଳବତ୍ତର ଥିବା ଯୋଜନା / ନିୟମ ଲାଗୁ ହେବ ସେ ନେଇ ମତଭେଦ ରହିଛି । ଏହି ନ୍ୟାୟାଳୟର ବିଭିନ୍ନ ନିଷ୍ପତ୍ତିରେ ଭିନ୍ନ ଭିନ୍ନ ମତ ଏବଂ ମତଭେଦ ରହିଛି । ତେବେ ଉପରୋକ୍ତ ପ୍ରଶ୍ନର ଉତ୍ତରକୁ ଏକତରଫରେ ରଖି ନିମ୍ନ କାରଣରୁ କୁହାଯାଇଛି ଯେ ଏହି ମାମଲାର ଅଜବ ତଥ୍ୟ ଏବଂ ପରିସ୍ଥିତିରେ ଆବେଦନକାରୀ ୧୯୯୦ ର ନିୟମ ଅନୁଯାୟୀ ଅନୁକମ୍ପା ଆଧାରରେ ନିଯୁକ୍ତି ପାଇବା ପାଇଁ ହକଦାର, ଯାହା ମୃତ କର୍ମଚାରୀଙ୍କ ମୃତ୍ୟୁ ସମୟରେ ଲାଗୁ ଥିଲା ଏବଂ ଏଥିରେ ଆବେଦନକାରୀ ତାଙ୍କ ବାପାଙ୍କ ମୃତ୍ୟୁ ପରେ ୨୦୧୦ ମସିହାରେ ନିଯୁକ୍ତି ପାଇଁ ଆବେଦନ କରିଥିଲେ।

୬. ଉପରେ ଉଲ୍ଲେଖିତ ତାରିଖ ଏବଂ ଘଟଣାକ୍ରମ ଅନୁଯାୟୀ, ଏଥିରେ କୌଣସି ବିବାଦ ନାହିଁ ଯେ ମୃତ କର୍ମଚାରୀ ତା୨.୧.୨୦୧୦ରିଖରେ ଚାକିରିରେ ଥିବା ସମୟରେ ମୃତ୍ୟୁବରଣ କରିଥିଲେ । ତୁରନ୍ତ, ଜୁଲାଇ ୨୦୧୦ରେ, ଆବେଦନକାରୀ ୧୯୯୦ ନିୟମାବଳୀ ଅଧୀନରେ ଅନୁକମ୍ପା ଆଧାରରେ କନିଷ୍ଠ କିରାଣୀ ଭାବେ ନିଯୁକ୍ତି ପାଇଁ ଆବେଦନ କରିଥିଲେ । ଆବେଦନକାରୀଙ୍କ ନିର୍ଦ୍ଦିଷ୍ଟ ମାମଲା ଥିଲା ଯେ ତାଙ୍କ ମାଆ ନିଜର ସ୍ୱାସ୍ଥ୍ୟଗତ ସ୍ଥିତି କାରଣରୁ ସରକାରୀ ଚାକିରୀ ନେବାରେ ଅସମର୍ଥ ଥିଲେ ଏବଂ ସେଥିପାଇଁ ସେ ପୁଅ ହୋଇଥିବାରୁ ୧୯୯୦ ନିୟମ ଅନୁଯାୟୀ ଅନୁକମ୍ପା ଆଧାରରେ ନିଯୁକ୍ତି ପାଇଁ ଆବେଦନ କରିଥିଲେ।ଏହି ପର୍ଯ୍ୟାୟରେ, ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ ୧୯୯୦ ନିୟମ ଅଧୀନରେ ଏପରି କୌଣସି ବ୍ୟବସ୍ଥା ନଥିଲା ଯେ ଯେତେବେଳେ ମୃତ ବ୍ୟକ୍ତିଙ୍କ ପତ୍ନୀ ଜୀବିତ ଥିବେ, ସେତେବେଳେ ପୁଅ ଅନୁକମ୍ପା ଆଧାରରେ ନିଯୁକ୍ତି ପାଇଁ ଆବେଦନ କରିପାରିବ ନାହିଁ ।୧୯୯୦ ନିୟମାବଳୀର ନିୟମ ୨(ଖ) ଅନୁଯାୟୀ, "ପରିବାର ସଦସ୍ୟ" ର ଅର୍ଥ ତଥା ଏଥିରେ ଅଗ୍ରାଧିକାର କ୍ରମେ ସାମିଲ କରାଯାଇଥିବା ସଦସ୍ୟମାନେ ହେଲେ , (କ ) ପତ୍ନୀ/ସ୍ୱାମୀ (ଖ ) ପୁତ୍ର......ତେଣୁ ଯେତେବେଳେ ମାଆ ନିଜର ସ୍ୱାସ୍ଥ୍ୟଗତ ସ୍ଥିତି କାରଣରୁ ସରକାରୀ ଚାକିରି କରିପାରିଲେ ନାହିଁ, ସେତେବେଳେ ପୁଅ ହୋଇଥିବାରୁ ଆବେଦନକାରୀ ବାପାଙ୍କ ମୃତ୍ୟୁ ପରେ ନିଯୁକ୍ତି ପାଇଁ ଆବେଦନ କରିବାକୁ ଅଧିକାରୀ ଥିଲେ । ଆବେଦନକାରୀଙ୍କ ଦରଖାସ୍ତ ୨୦୧୧ ରେ ପଠାଯାଇଥିଲେ ମଧ୍ୟ ପ୍ରଥମେ ପାଞ୍ଚ ବର୍ଷ ପାଇଁ ବିଚାରାଧୀନ ରଖାଯାଇଥିଲା । ପାଞ୍ଚ ବର୍ଷ ପରେ ଅତିରିକ୍ତ ସଚିବ ଏହାର ବିଚାରକାର୍ଯ୍ୟ ସମ୍ପାଦନ କରିଥିଲେ । ଅତିରିକ୍ତ ସଚିବ ୨୦୧୬ସେପ୍ଟେମ୍ବର ୯ ତାରିଖରେ ଗଞ୍ଜାମ ଜିଲ୍ଲାପାଳଙ୍କୁ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଆର୍ଥିକ ସ୍ଥିତି ସମ୍ପର୍କରେ ଏକ ନୂଆ ରିପୋର୍ଟ ଦାଖଲ କରିବାକୁ କହିଥିଲେ । ଏହା ସହିତ, ଆବେଦନକାରୀଙ୍କ ମାଆଙ୍କୁ ଉପଯୁକ୍ତ ପରୀକ୍ଷା ପାଇଁ ମେଡିକାଲ ବୋର୍ଡ ନିକଟକୁ ପଠାଇବା ଲାଗି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ , ଗଞ୍ଜାମ ଠାରୁ ଏକ ରିପୋର୍ଟ ମଧ୍ୟ ମଗାଯାଇଥିଲା । ମେଡିକାଲ ବୋର୍ଡ ଆବେଦନକାରୀଙ୍କ ମାଆଙ୍କୁ ପରୀକ୍ଷା କରି ୧ ନଭେମ୍ବର, ୨୦୧୬ ରେ ଏକ ରିପୋର୍ଟ ପ୍ରଦାନ କରିଥିଲା, ଯେଉଁଥିରେ କୁହାଯାଇଥିଲା ଯେ ସେ ସରକାରୀ ଚାକିରି ପାଇଁ ଅନୁପଯୁକ୍ତ । ସେହିପରି କଟକର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ , ମଧ୍ୟ ୦୬ .୦୨ .୨୦୧୭ ତାରିଖରେ ଅନୁରୂପ ଏକ ରିପୋର୍ଟ ପ୍ରଦାନ କରିଥିଲେ। କଥା ଏତିକିରେ ସରିନାହିଁ । ମୃତ ବ୍ୟକ୍ତିଙ୍କ ପରିବାରର ଆର୍ଥିକ ସ୍ଥିତି ଜାଣିବା ପାଇଁ ଆବେଦନକାରୀଙ୍କ ଜନ୍ମସ୍ଥାନ ବେଲଗୁଣ୍ଠା ତହସିଲଦାରଙ୍କ ଠାରୁ ରିପୋର୍ଟ ମଗାଯାଇଥିଲା । ବେଲଗୁଣ୍ଠା ତହସିଲଦାର ୨୮ ଅକ୍ଟୋବର ୨୦୧୭ ତାରିଖରେ ତାଙ୍କ ରିପୋର୍ଟ ଦାଖଲ କରି କହିଥିଲେ ଯେ ସମସ୍ତ ଉତ୍ସରୁ ଆବେଦନକାରୀଙ୍କ ପାରିବାରିକ ଆୟ ବାର୍ଷିକ ୭୨,୦୦୦ ଟଙ୍କାରୁ ଅଧିକ ନୁହେଁ । ଏହା ସତ୍ତ୍ୱେ ଆବେଦନକାରୀ ସମସ୍ତ ଯୋଗ୍ୟତା ସର୍ତ୍ତାବଳୀ ପୂରଣ କରିଥିଲେ ଏବଂ/ଅଥବା ଅନୁକମ୍ପା

ଆଧାରରେ ନିଯୁକ୍ତି ପାଇଁ ସର୍ତ୍ତାବଳୀ ପୂରଣ କରିଥିଲେ ମଧ୍ୟ ତାଙ୍କୁ ୧୯୯୦ ନିୟମ ଅନୁଯାୟୀ କନିଷ୍ଠ କିରାଣୀ ଭାବେ ନିଯୁକ୍ତି ଦିଆଯାଇ ନଥିଲା । ତେବେ ଏହି ସମୟ ମଧ୍ୟରେ ୧୯୯୦ ନିୟମକୁ ବଦଳାଇ ୨୦୨୦ ନିୟମକୁ ଲାଗୁ କରାଯାଇଛି।

୭ . ତେଣୁକରି , ଉପରୋକ୍ତ ତଥ୍ୟରୁ ଏହା ସ୍ପଷ୍ଟ ଯେ, ଆବେଦନକାରୀଙ୍କ ତରଫରୁ କୌଣସି ତ୍ରୁଟି ଏବଂ/ଅଥବା ବିଳମ୍ବ ଏବଂ/ଅଥବା ଅବହେଳା କରାଯାଇନଥିଲା । ସେ ୧୯୯୦ ନିୟମ ଅଧୀନରେ ଅନୁକମ୍ପା ଆଧାରରେ ନିଯୁକ୍ତି ପାଇଁ ସମସ୍ତ ସର୍ତ୍ତ ପୂରଣ କରୁଥିଲେ । ବିନା କୌଣସି କାରଣରେ ତାଙ୍କ ଆବେଦନକୁ ବିଚାରାଧୀନ ରଖାଯାଇଥିଲା ଏବଂ/କିମ୍ବା କୌଣସି କାରଣବଶତଃ କୌଣସି ଆଦେଶ ଜାରି କରାଯାଇନଥିଲା।ତେଣୁ ଯେତେବେଳେ ଆବେଦନକାରୀଙ୍କ ତରଫରୁ କୌଣସି ତ୍ରୁଟି କିମ୍ବା/କିମ୍ବା ବିଳମ୍ବ ହୋଇନଥିଲା ଏବଂ ସମସ୍ତ କ୍ଷେତ୍ରରେ ବିଭାଗ/କର୍ତ୍ତୃପକ୍ଷଙ୍କ ତରଫରୁ ବିଳମ୍ବ କରାଯାଇଥିଲା , ସେତେବେଳେ ଆବେଦନକାରୀ ସେଥିପାଇଁ ଭୁକ୍ତଭୋଗୀ ହେବା ଉଚିତ ନୁହେଁ । ୧୯୯୦ ମସିହା ନିୟମାବଳୀ ଅନୁଯାୟୀ ଆବେଦନକାରୀଙ୍କୁ ନିଯୁକ୍ତି ଦେବାରେ ବିଭାଗ / କର୍ତ୍ତୃପକ୍ଷଙ୍କ ତରଫରୁ ବିଳମ୍ବ ଏବଂ/କିମ୍ବା ନିଷ୍କ୍ରିୟତାର ଅଧିମୂଲ୍ୟ ଦିଆଯିବ । ବିଭାଗ / କର୍ତ୍ତୃପକ୍ଷଙ୍କ ତରଫରୁ ସଂପୂର୍ଣ୍ଣ ହୃଦୟହୀନତା ଥିଲା । ଏହି ତଥ୍ୟ ସ୍ପଷ୍ଟ ରୂପେ ଦୃଶ୍ୟମାନ ଏବଂ ଆବେଦନକାରୀଙ୍କ ଦ୍ୱାରା ନିଯୁକ୍ତି ପାଇଁ କରାଯାଇଥିବା ଆବେଦନକୁ ଗ୍ରହଣ କରିବାରେ ଗମ୍ଭୀର ବିଳମ୍ବ ପରିଦୃଷ୍ଟ ଯାହାପାଇଁ ବିଭାଗ/କର୍ତ୍ତୃପକ୍ଷ ଦାୟୀ ଅଟନ୍ତି । ବାସ୍ତବରେ, ଆବେଦନକାରୀ ଅନୁକମ୍ପାପୂର୍ବକ ନିଯୁକ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି , ଯାହା ତାଙ୍କୁ ଅନ୍ୟଥା ୧୯୯୦ ନିୟମାବଳୀ ଅଧୀନରେ ମିଳୁଥିଲା । ଆବେଦନକାରୀ ବିଭାଗ / କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଳମ୍ବ ଏବଂ / କିମ୍ବା ନିଷ୍କ୍ରିୟତାର ଶିକାର ହୋଇଛନ୍ତି ଯାହା ହୁଏତ ଜାଣିଶୁଣି କରାଯାଇଛି ଅଥବା ଏହାର ଠୋସ୍ କାରଣ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ହିଁ ଭଲ ଭାବରେ ଜଣାଥିବ । ତେଣୁ , ମାମଲାର ଅଜବ ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି , ବୃହତ୍ତର ପ୍ରଶ୍ନଟି ଉନ୍ମୁକ୍ତ ରଖି, ଉପରେ ଦେଖାଯାଇଥିବା ଅନୁସାରେ , ଆମ୍ଭର ମତ ହେଉଛି ଯେ ଏଠାରେ ଆବେଦନକାରୀଙ୍କୁ ୧୯୯୦ ନିୟମାବଳୀ ଅଧୀନରେ ନିଯୁକ୍ତିରୁ ବଞ୍ଚିତ କରାଯିବ ନାହିଁ।

୮. ଉପରୋକ୍ତ ଆଲୋଚନାକୁ ଦୃଷ୍ଟିରେ ରଖି ଏବଂ ଉପରେ ଦିଆଯାଇଥିବା କାରଣ ପାଇଁ, ଉଚ୍ଚ ନ୍ୟାୟାଳୟର ଆକ୍ଷେପିତ ରାୟ ଏବଂ ଆଦେଶ ନାକଚ କରାଯାଉଛି ଏବଂ ରଦ୍ଦ କରାଯାଉଛି ।ଜୁଲାଇ,୨୦୧୦ ରେ କରାଯାଇଥିବା ମୂଳ ଆବେଦନ ଅନୁଯାୟୀ ୧୯୯୦ ନିୟମ ଅନ୍ତର୍ଗତ ଆବେଦନକାରୀଙ୍କ ଅନୁକମ୍ପା ଆଧାରରେ ନିଯୁକ୍ତି ପାଇଁ ଆବେଦନକାରୀଙ୍କ ମାମଲା ବିଚାର କରିବାକୁ ଏବଂ କନିଷ୍ଠ କିରାଣୀ ପଦରେ ନିଯୁକ୍ତି ପାଇବା ପାଇଁ ଯୋଗ୍ୟ ଥିଲେ ତାଙ୍କୁ ସେହି ପଦ ପାଇଁ ବିଚାର କରିବା ଲାଗି ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।ଆଜି ଠାରୁ ଚାରି ସପ୍ତାହ ମଧ୍ୟରେ ଉପରୋକ୍ତ ପ୍ରକ୍ରିୟା ଶେଷ ହେବ । ତେବେ ଏହା କୁହାଯାଇଛି ଯେ ଆବେଦନକାରୀ କେବଳ ତାଙ୍କ ନିଯୁକ୍ତି ତାରିଖ ଠାରୁ ସମସ୍ତ ସୁବିଧା ପାଇବା ପାଇଁ

ହକଦାର।ତଦନୁସାରେ ବର୍ତ୍ତମାନର ଆବେଦନକୁ ଅନୁମତି ଦିଆଯାଉଛି।ତେବେ ମାମଲାର ତଥ୍ୟ ଏବଂ ପରିସ୍ଥିତିରେ ବ୍ୟୟ ବାବଦରେ କୌଣସି ଆଦେଶ ରହିବ ନାହିଁ।

୯. ବର୍ତ୍ତମାନର ଆଦେଶ ଦେବା  ପୂର୍ବରୁ, ଆମେ ଅନୁକମ୍ପା ଆଧାରରେ ନିଯୁକ୍ତିର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟକୁ ବିବେଚନା କରିବା ଲାଗି ବାଧ୍ୟ ହୋଇଛୁ, ଅର୍ଥାତ୍, ଜଣେ ମୃତ କର୍ମଚାରୀଙ୍କର ଚାକିରି କାଳରେ ଅକାଳ ମୃତ୍ୟୁ ହେବା ପରେ ତାଙ୍କ ପରିବାରକୁ ଆର୍ଥିକ କଷ୍ଟରେ ରଖାଯାଇପାରେ ଏବଂ ତାଙ୍କର ଅକାଳ ମୃତ୍ୟୁ ପରେ ତାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ଲାଗି ଆଧାର କିମ୍ବା ନୀତି ତତକ୍ଷଣାତ୍ ରହିଛି , ଅଧିକାରୀମାନେ ପ୍ରଚଳିତ ନୀତି ଅନୁଯାୟୀ ଅନୁକମ୍ପା ଆଧାରରେ ନିଯୁକ୍ତି ପାଇଁ ଏପରି ଆବେଦନକୁ ଯଥାଶୀଘ୍ର ବିବେଚନା କରିବା ଏବଂ ନିଷ୍ପତ୍ତି ନେବା ଉଚିତ, କିନ୍ତୁ ଏପରି ସମ୍ପୂର୍ଣ୍ଣ ଆବେଦନ ଦାଖଲ କରାଯିବାର ତାରିଖରୁ ୬ ମାସ ଊର୍ଦ୍ଧ୍ୱରେ  ନୁହେଁ।

ଆମ୍ଭେ ଉପରୋକ୍ତ ନିର୍ଦ୍ଦେଶ ଦେବା ପାଇଁ ବାଧ୍ୟ ହୋଇଛୁ କାରଣ ଆମେ ଜାଣିଛୁ ଯେ ଅନେକ ମାମଲାରେ ଅନୁକମ୍ପା ଆଧାରରେ ନିଯୁକ୍ତି ପାଇଁ ଆବେଦନକୁ ଯଥାସମୟ ମଧ୍ୟରେ ଧ୍ୟାନ ଦିଆଯାଇନଥାଏ ଏବଂ ବର୍ଷ ବର୍ଷ ଧରି ବିଚାର ପାଇଁ ପଡ଼ି ରହିଥାଏ । ଫଳସ୍ୱରୂପ ,ଅନେକ ମାମଲାରେ ଆବେଦନକାରୀଙ୍କୁ ସେମାନଙ୍କ ଆବେଦନକୁ ବିଚାର କରିବା ଲାଗି ନିର୍ଦ୍ଦେଶନାମା (ରିଟ୍ ଅଫ୍ ମାଣ୍ଡମସ୍) ଦେବାପାଇଁ  ଆବେଦନ କରିବା  ଲାଗି  ସମ୍ପୃକ୍ତ ଉଚ୍ଚ ନ୍ୟାୟାଳୟକୁ  ଯିବାକୁ ପଡୁଛି । ଏଭଳି ନିର୍ଦ୍ଦେଶ ଜାରି କରାଯିବା ପରେ ମଧ୍ୟ ଆବେଦନକୁ ଖାରଜ/ପ୍ରତ୍ୟାଖାନ କରିବା ଲାଗି ନିରର୍ଥକ କିମ୍ବା କଷ୍ଟକର କାରଣ ଦର୍ଶାଇ ଦିଆଯାଉଛି।ପୁଣି ଥରେ ଆବେଦନକାରୀଙ୍କୁ ପ୍ରତ୍ୟାଖାନ  ଆଦେଶକୁ ଉଚ୍ଚ ନ୍ୟାୟାଳୟରେ ଆପତ୍ତି  କରିବାକୁ ପଡ଼ିବ, ଯାହା ଫଳରେ ମାମଲା ବିଚାରାଧୀନ ରହିବା ସହ ସମୟ ଅତିବାହିତ ହୋଇଥାଏ । ଅଧିକନ୍ତୁ, କର୍ତ୍ତୃପକ୍ଷ ଜାଣିଥିବା କାରଣରୁ ଏବଂ ଅପ୍ରାସଙ୍ଗିକ କାରଣରୁ ଅନୁକମ୍ପା ଆଧାରରେ ନିଯୁକ୍ତି ପାଇଁ କରାଯାଇଥିବା ଆବେଦନକୁ ଅଗ୍ରାହ୍ୟ କରିଦିଆଯାଉଛି । ଅନେକ ବର୍ଷ ପରେ ବିଚାର କରାଯାଇଥାଏ   ଅବା ଏହା ଉପରେ ଆଦୌ କୌଣସି ବିଚାର କରାଯାଇନଥାଏ ,ଯେପରିକି ଏହି ମାମଲାରେ ଘଟିଛି ।

ଯଦି ପ୍ରାସଙ୍ଗିକ ନୀତି କିମ୍ବା ନିୟମ ଅନୁଯାୟୀ ଅନୁକମ୍ପା ଆଧାରରେ ନିଯୁକ୍ତିର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟକୁ ହାସଲ କରିବାକୁ ପଡିବ, ତେବେ ଏହା ଉଚିତ ଏବଂ ଆବଶ୍ୟକ ଯେ ଏପରି ଆବେଦନକୁ ସଠିକ ସମୟରେ ବିବେଚନା କରାଯାଉ ଏବଂ ବିଳମ୍ବରେ ନୁହେଁ।ପାଖାପାଖି ଦୁଇ ଦଶନ୍ଧି ଧରି ଅନୁକମ୍ପା ଆଧାରରେ ନିଯୁକ୍ତି ପାଇଁ କରାଯାଇଥିବା  ଆବେଦନକୁ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ ହୋଇନଥିବା ଅନେକ ଘଟଣା ଆମେ ଦେଖିଛୁ । ଫଳତଃ ଚାକିରିରେ ଥିବା ସମୟରେ କର୍ମଚାରୀଙ୍କ ମୃତ୍ୟୁ ହେଲେ ଅନୁକମ୍ପା ପୂର୍ବକ ନିଯୁକ୍ତି ପ୍ରଦାନ କରିବାର ନୀତି  ନୈରାଶ୍ୟ ଦେଇଥାଏ । ତେଣୁ ଏଭଳି

ଆବେଦନକୁ ଯଥାଶୀଘ୍ର ବିଚାର ଲାଗି ଆମେ ନିର୍ଦ୍ଦେଶ ଦେଉଛୁ ।ଏହି ବିଚାର ନିରପେକ୍ଷ , ଯୁକ୍ତିଯୁକ୍ତ ଏବଂ ପ୍ରାସଙ୍ଗିକ ବିଚାର ଉପରେ ଆଧାରିତ ହେବା ଆବଶ୍ୟକ । ଏହି ଆବେଦନକୁ କୌଣସି ତୁଚ୍ଛ ଏବଂ ବାହ୍ୟ  କାରଣରୁ ଖାରଜ କରାଯାଇପାରିବ ନାହିଁ। ସେତେବେଳେ ହିଁ ଅନୁକମ୍ପା ଆଧାରରେ ନିଯୁକ୍ତିର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ ପୂରଣ ହୋଇପାରିବ ।

............. ବିଚାରପତି

[ଏମ୍ . ଆର୍ . ଶାହ ]

............. ବିଚାରପତି

[ବି.  ଭି. ନାଗରତ୍ନ ]

ନୂଆ ଦିଲ୍ଲୀ;

ମେ ୨୦, ୨୦୨୨.

## <u>ଅସ୍ୱୀକାର ପତ୍ର</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

**ଅନୁବାଦିକା : ଶ୍ରୀମତୀ ଜୟା  ମୁଖାର୍ଜୀ,**

**ଓଡିଶା ଉଚ୍ଚ ନ୍ୟାୟଳୟ , କଟକ**